# ଚତୁର୍ଥ ପାଠ

## ମାନଚିତ୍ର ଆଙ୍କିବା

5X71BB

**ଲେଖ -**

ତୁମ ବିଦ୍ୟାଳୟର ନାମ....................

ଶ୍ରେଣୀ.....................................



**ଚିତ୍ର ଦେଖି ଲେଖ -**

ଦ୍ୱାର ସଂଖ୍ୟା...............................

ଝରକା ସଂଖ୍ୟା.............................

କଳାପଟା ସଂଖ୍ୟା..........................

ଟେବୁଲ ସଂଖ୍ୟା............................

ଚଉକି ସଂଖ୍ୟା.............................

ପିଲାମାନଙ୍କର ସଂଖ୍ୟା.....................

ଶିକ୍ଷକ ସଂଖ୍ୟା.............................

**ଉପର ଚିତ୍ରରେ କ'ଣ କ'ଣ ଅଛି ?**

ଦ୍ୱାର ସାମନାରେ.........................

କଳାପଟା ପାଖରେ.......................

ଝରକା ସାମ୍ନାରେ.......................

ଟେବୁଲ ପାଖରେ .......................

ତୁମ ଶ୍ରେଣୀ କୋଠରିରେ କ'ଣ କ'ଣ ଅଛି ତାହାର ତାଲିକା କର।

ପୂର୍ବରୁ ଦିଆଯାଇଥିବା ଶ୍ରେଣୀ କୋଠରିର ଚିତ୍ରକୁ ଦେଖି ତୁମ ଶ୍ରେଣୀ କୋଠରିର ନକ୍ସା ଖାଲି ଘରେ ଅଙ୍କନ କର।




ଆମେ ବର୍ତ୍ତମାନ ଶ୍ରେଣୀ କୋଠରିର ଦିଗ ବିଷୟରେ ଜାଣିବା।

କୌଣସି ସ୍ଥାନର ମାନଚିତ୍ର ବା ନକ୍ସା କାଗଜ ଉପରେ ଆଙ୍କିଲେ କାଗଜର ଉପରପଟ ଉତ୍ତର ଦିଗକୁ ସୂଚାଏ। ତଳପଟ ଦକ୍ଷିଣ ଦିଗକୁ ସୂଚାଇଥାଏ। ଆମର ଡାହାଣ ହାତ ଯେଉଁ ଆଡ଼କୁ ରହେ ତାହା ପୂର୍ବ ଦିଗକୁ ଓ ବାମ ହାତ ଯେଉଁ ଆଡ଼କୁ ରହେ ତାହା ପଶ୍ଚିମ ଦିଗକୁ ସୂଚାଇଥାଏ।

ତୁମେ ଆଙ୍କିଥିବା ଶ୍ରେଣୀକୋଠରିର ନକ୍ସାରେ ବିଭିନ୍ନ ଦିଗକୁ ଦର୍ଶାଅ। ନକ୍ସା ଦେଖି ନିମ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ।

୧. ଶ୍ରେଣୀ କୋଠରିର ପୂର୍ବ ପଟେ କ'ଣ ଅଛି ?

୨. ପଶ୍ଚିମ ପଟେ କ'ଣ ଅଛି ?

୩. ଉତ୍ତର ପଟେ କ'ଣ ଅଛି ?

୪. ଦକ୍ଷିଣ ପଟେ କ'ଣ ଅଛି ?

୫. ଶ୍ରେଣୀ କୋଠରିଟି ............. ଦିଗରୁ ............. ଦିଗକୁ ଲମ୍ବିଛି ।

୬. ଶ୍ରେଣୀ କୋଠରିଟି ଚଉଡ଼ାରେ .............. ଦିଗରୁ ............ ଦିଗକୁ ଅଛି ।

୭. ଶ୍ରେଣୀ କୋଠରିରେ ତୁମର ବସିବା ସ୍ଥାନକୁ ନକ୍ସାରେ ଗୋଲ ଚିହ୍ନ ଦେଇ ସୂଚାଅ ।

- ତୁମ ବିଦ୍ୟାଳୟ ହତା ଭିତରେ ଓ ଚାରି ପାଖରେ କ'ଣ କ'ଣ ଅଛି ତାଲିକା କର ।

| **ବିଦ୍ୟାଳୟ ହତା ଭିତରେ** | **ବିଦ୍ୟାଳୟ ହତା ଚାରିପାଖରେ** |
|---|---|
| ପୂର୍ବରେ........ ....... ............ | ............. ................ ................ |
| ପଶ୍ଚିମରେ........ ....... ............ | ............. ................ ................ |
| ଉତ୍ତରରେ........ ....... ............ | ............. ................ ................ |
| ଦକ୍ଷିଣରେ........ ....... ............ | ............. ................ ................ |

- ତଳେ ତୁମ ବିଦ୍ୟାଳୟ ଭିତର ନକ୍ସା ଅଙ୍କନ କରି ତୁମ ଶ୍ରେଣୀ କୋଠରିକୁ ଚିହ୍ନାଅ ।

- ତଳେ ବିଦ୍ୟାଳୟ ଚାରିପାଖର ନକ୍ସା ଅଙ୍କନ କର ।

- ତଳେ ଗୋଟିଏ ଗାଁ'ର ନକ୍ସା ଦିଆଯାଇଛି । ତାକୁ ଦେଖ ଓ  ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ ।




- କ'ଣ ଅଛି  ? ଗାଁ'ର –

    ପୂର୍ବ ପାର୍ଶ୍ୱରେ .......... ............ ..............

    ପଶ୍ଚିମ ପାର୍ଶ୍ୱରେ .......... ............ ..............

    ଉତ୍ତର ପାର୍ଶ୍ୱରେ .......... ............ ..............

    ଦକ୍ଷିଣ ପାର୍ଶ୍ୱରେ .......... ............ ..............

- ତୁମ ଗାଁ'ରେ / ସାହିରେ କ'ଣ କ'ଣ ଅଛି ? ତାଲିକା କର ।

    .......... ............ .............. ................

    .......... ............ .............. ................

    .......... ............ .............. ................

- ତଳ କୋଠରିରେ ତମ ଗାଁ'ର ନକ୍ସା ଅଙ୍କନ କର ।

- ତୁମେ ଆଙ୍କିଥିବା ମାନଚିତ୍ର ତୁମ ସାଙ୍ଗଙ୍କୁ ଦେଖାଇ କେଉଁ ଦିଗରେ କ'ଣ କ'ଣ ଅଛି ପଚାର ଏବଂ ଠିକ କହିଲେ ତାଙ୍କୁ ଧନ୍ୟବାଦ ଦିଅ।

ଠିକ ମାପ ନ ନେଇ ଆମେ ଆମ ଗାଁ' / ସାହିର ହାତ ଅଙ୍କା ନକ୍ସାଟିଏ ଆଙ୍କିପାରିବା। ସେଥିରେ ବିଦ୍ୟାଳୟ, ପଞ୍ଚାୟତ ଅଫିସ, ମନ୍ଦିର, ଡାକ୍ତରଖାନା, ପୋଷ୍ଟ ଅଫିସ, ଦୋକାନ, ରାସ୍ତା ଇତ୍ୟାଦି ଦେଖାଇ ପାରିବା। କିନ୍ତୁ ଏହିସବୁ ନକ୍ସା ଠିକ ଭାବେ ଆଙ୍କିବା ପାଇଁ ଆମେ ସ୍କେଲ ସାହାଯ୍ୟରେ ମାପ ନେଇପାରିବା। ଏହିପରି ମାନଚିତ୍ରରେ ନିଜ ଗାଁ, ସହର, ନିଜ ଘର, ନିଜ ଜିଲ୍ଲାକୁ ଦେଖାଇପାରିବା।

## ଅଭ୍ୟାସ

୧. ମାନଚିତ୍ର / ନକ୍ସା ଆଙ୍କିବା ସମୟରେ ଦିଗ କିପରି ଚିହ୍ନଟ କରିବ ଲେଖ।

________________________________________________

________________________________________________

________________________________________________

୨. ତୁମ ଘରର ନକ୍ସା ଅଙ୍କନ କରି କେଉଁ ଦିଗରେ କ'ଣ ଅଛି ଦର୍ଶାଅ।

# ଆମ ଜିଲ୍ଲା

**ଲେଖ**

ଆମ ଦେଶର ନାମ - ____________

ଆମ ରାଜ୍ୟର ନାମ - ____________



- ଉପରେ ଦିଆଯାଇଥିବା ଭାରତର ରେଖାଙ୍କିତ ମାନଚିତ୍ରରେ ତୁମ ରାଜ୍ୟକୁ ରଙ୍ଗ କରି ଚିହ୍ନାଅ ।
- ତୁମ ରାଜ୍ୟ ଭାରତର କେଉଁ ଭାଗରେ ଅଛି ଚିହ୍ନଟ କରି ଲେଖ ।

  ____________________________________________

- ପର ପୃଷ୍ଠାରେ ଥିବା ତୁମ ରାଜ୍ୟ ଓଡ଼ିଶାର ମାନଚିତ୍ରକୁ ଭଲଭାବରେ ଦେଖ ଓ ସେଥିରେ କେତୋଟି ଜିଲ୍ଲା ଅଛି ଗଣି ଲେଖ । ____________________




- ତୁମ ଜିଲ୍ଲାର ନାମ ଲେଖ । ....................
- ଉପରେ ଦିଆଯାଇଥିବା ଓଡ଼ିଶା ମାନଚିତ୍ରରେ ତୁମ ଜିଲ୍ଲାକୁ ରଙ୍ଗ ଦିଅ ।
- ତୁମ ଜିଲ୍ଲା ଓଡ଼ିଶାର କେଉଁ ଭାଗରେ ଅଛି, ମାନଚିତ୍ର ଦେଖି ଲେଖ । ....................

ତୁମ ଜିଲ୍ଲାକୁ ଲାଗି କରି ଯେଉଁ ଜିଲ୍ଲାଗୁଡ଼ିକ ଅଛି, ସେଗୁଡ଼ିକ ତୁମର ପଡ଼ୋଶୀ ଜିଲ୍ଲା ।

- ତୁମ ଜିଲ୍ଲାର ପଡ଼ୋଶୀ ଜିଲ୍ଲା ଗୁଡ଼ିକର ନାମ ଲେଖ ।

________________________________________

________________________________________

**ଶିକ୍ଷକଙ୍କ ପାଇଁ ସୂଚନା** - ପ୍ରତ୍ୟେକ ଶିକ୍ଷାର୍ଥୀ ଓଡ଼ିଶା ମାନଚିତ୍ର ଦେଖି ଜିଲ୍ଲାଗୁଡ଼ିକର ନାମ ବ୍ୟକ୍ତିଗତ ଭାବରେ ଲେଖିବେ । ପିଲାମାନଙ୍କୁ ୫/୬ଟି ଦଳରେ ଭାଗକରି ବସାଇବେ । ପିଲାମାନେ ଦଳରେ ଆଲୋଚନା କରି ଜିଲ୍ଲାର ତାଲିକା କରିବେ । ପ୍ରତ୍ୟେକ ଦଳରେ ପିଲାମାନେ ୫/୬ଟି ଲେଖାଏଁ ଜିଲ୍ଲାର ନାମ କହିବେ । ଗୋଟିଏ ଦଳ ଜିଲ୍ଲାର ନାମ କହିସାରିବା ପରେ ଅନ୍ୟ ଦଳର ପିଲାମାନେ ସେହି ଜିଲ୍ଲାର ନାମ ଆଉଥରେ କହିବେ ନାହିଁ । ଶିକ୍ଷକ ସବୁ ଜିଲ୍ଲାର ନାମ କଳାପଟାରେ ଲେଖିବେ ।

- ତୁମ ବାପାମା' / ଶିକ୍ଷକ / ଅନ୍ୟ ଗୁରୁଜନଙ୍କୁ ପଚାରି ତୁମ ଜିଲ୍ଲା ବିଷୟରେ ତଳେ ଲେଖି ଶ୍ରେଣୀରେ ସାଙ୍ଗମାନଙ୍କ ସହ ଆଲୋଚନା କର ।

  * ତୁମ ଜିଲ୍ଲାର ନାମ - ______________________
  * ଜିଲ୍ଲା ସଦର ମହକୁମାର ନାମ - ______________________
  * ପ୍ରଧାନ ସହର ଗୁଡ଼ିକର ନାମ - ______________________
  * ସବ୍‌ଡିଭିଜନଗୁଡ଼ିକର ନାମ - ______________________
  * ବ୍ଲକ୍ ସଂଖ୍ୟା - ______________________
  * ବ୍ଲକ୍‌ଗୁଡ଼ିକର ନାମ - ______________________
  * ଜିଲ୍ଲାରେ ଥିବା ପାହାଡ଼, ପର୍ବତର ନାମ - ______________________
  * ଜିଲ୍ଲା ମଧ୍ୟଦେଇ ଯାଇଥିବା ନଦୀ, ନାଳ, ହ୍ରଦର ନାମ - ______________________
  * ଜିଲ୍ଲାରେ ହେଉଥିବା ଫସଲର ନାମ - ______________________
  * ଜିଲ୍ଲାର ମିଳୁଥିବା ଖଣିଜ ପଦାର୍ଥର ନାମ - ______________________
  * ମୁଖ୍ୟ ପର୍ବପର୍ବାଣିର ନାମ - ______________________
  * ଜଙ୍ଗଲରୁ ସଂଗୃହୀତ ଦ୍ରବ୍ୟର ନାମ - ______________________
  * ଜିଲ୍ଲାର ମୁଖ୍ୟ ଶିଳ୍ପର ନାମ - ______________________

- ଶିକ୍ଷକଙ୍କୁ ତୁମ ଜିଲ୍ଲାରେ ଆଉ କ'ଣ କ'ଣ ଅଛି ପଚାରି ବୁଝି ଲେଖ ।

______________________________________________

______________________________________________

______________________________________________

______________________________________________

**ଶିକ୍ଷକଙ୍କ ପାଇଁ ସୂଚନା -** ପ୍ରତ୍ୟେକ ପିଲା ବ୍ୟକ୍ତିଗତ ଭାବରେ ନିଜ ଜିଲ୍ଲା ବିଷୟରେ ଉପର ଲିଖିତ ତଥ୍ୟଗୁଡ଼ିକୁ ଲେଖି ଆଣିବେ । ଏଥିପାଇଁ ଶିକ୍ଷକ ପିଲାଙ୍କୁ ସାହାଯ୍ୟ କରିବେ । ଶିକ୍ଷକ ଶ୍ରେଣୀରେ ତଥ୍ୟକୁ ଆଲୋଚନା କରିବେ ।

## ଅଭ୍ୟାସ

୧. ତୁମର ଜଣେ ସାଙ୍ଗ ଭାରତ ବାହାରେ ଥିବା ଅନ୍ୟ ଦେଶକୁ ଯାଇଛି । ସେ ତୁମ ପାଖକୁ ଚିଠି ଦେଲେ କେଉଁ ଠିକଣାରେ ଚିଠି ଦେବ ଲେଖ ।

_______________________________________________

_______________________________________________

_______________________________________________

୨. ତଳେ ନିଜ ଜିଲ୍ଲାର ମାନଚିତ୍ର ଆଙ୍କି ସେଥିରେ ତାହାର ସଦର ମହକୁମା ଚିହ୍ନାଅ ।

୩. ତୁମ ଜିଲ୍ଲାର ଦର୍ଶନୀୟ ସ୍ଥାନଗୁଡ଼ିକର ନାମ ଲେଖ ।

_______________________________________________

୪. ତୁମ ଘର କେଉଁ ସବ୍‌ଡ଼ିଭିଜନ୍‌ରେ, କେଉଁ ବ୍ଲକରେ ଓ କେଉଁ ତହସିଲ୍‌ରେ ଅଛି ଲେଖ ।
(ଉତ୍ତର ନ ଜାଣିଲେ ଶିକ୍ଷକ / ଶିକ୍ଷୟିତ୍ରୀଙ୍କୁ ପଚାରି ଲେଖ । )

_______________________________________________



ତୁମ ପାଇଁ କାମ -

ଓଡ଼ିଶାର ମାନଚିତ୍ର ସଂଗ୍ରହ କରି ତୁମ ଜିଲ୍ଲାକୁ ରଙ୍ଗ ଦିଅ ।

